ଗୁରୁ ଲୋକେଶ୍ୱରଙ୍କର ପଣ୍ଡୁ ଓ ଧୃତରାଷ୍ଟ୍ରଙ୍କୁ ବିଦ୍ୟା ଦାନ

ଧୃତରାଷ୍ଟ୍ର ପଣ୍ଡୁ ବଢନ୍ତି ବେନି ଭ୍ରାଥେ
ପ୍ରସନ୍ନେ ତାଙ୍କୁ ବିଦ୍ୟା ଦିଲେ ଗାଲବର ସୁତେ । ୧ ।
ଋଷଭ ମାସ ପୂର୍ଣ୍ଣିମା ତିଥି ଚନ୍ଦ୍ରବାର — horoscope
ଜ୍ୟେଷ୍ଠା ନକ୍ଷତ୍ର ଭୋଗ ଯେ ଅଟଇ ସେ ଦିନର । ୨ । — first lessons Dhritarashtra & Pandu
ଶୁଭ ନାମେ ଯୋଗ ବବ ନାମେ ଯେ କରଣ
ବ୍ୟାସେ ବିଜେ କଲେ ଆସି ବାରୁଣାବନ୍ତେଣ । ୩ ।
ବେନି ପୁତ୍ରନ୍ତ ଘେନିଣ ସତ୍ୟବତୀ
ବ୍ୟାସଙ୍କର କୋଳେ ନେଇ ଦେଲେ ବେନି ଯେ ସନ୍ତତି । ୪ ।
ପୁତ୍ରନ୍ତ ଦେଖି ହରଷ ଯେ ପାରେଶ୍ୱର ତନୁ
ଅନ୍ଧକୁ ପଣ୍ଡୁକୁ ନେଇଂ ବସାଇଲେ ବେନି ଜାନୁ । ୫ ।
ବିଦ୍ୟାପାଠମାନ ଯେତେ ସଞ୍ଜୟ ଦେଇଥିଲା
ବ୍ୟାସଙ୍କର ଅଗ୍ରତେ ସମସ୍ତ ପଠନ ହୋଇଲା । ୬ ।
ହଇହୟ ବଂଶେ ଯେ ଚନ୍ଦ୍ରଗୁରୁ ବୋଲି
ତାହାଙ୍କର ନନ୍ଦନ ଭାବଗୁରୁ କହିଲି । ୭ ।
ଭାବଗୁରୁ ନନ୍ଦନ ବରାଳଚନ୍ଦ୍ର ଗୁରୁ
ରୁଦ୍ରେଶ୍ୱର ବୋଲି ତାହାଙ୍କର ପୁତ୍ର ଚାରୁ । ୮ ।
ରୁଦ୍ରଚାରୁ ନନ୍ଦନ ଯେ ଗୁରୁ ବିରୂପାକ୍ଷ ।
ୟେହାର ନନ୍ଦନ ଯେ ଗୁରୁ ବିଭୁରୁକ୍ଷ । ୯ ।
ବିଭୁରୁକ୍ଷର ନନ୍ଦନ ଅନଙ୍ଗସେନ ଗୁରୁ
ୟେହାଙ୍କର ପୁତ୍ର ସୁରଚନ୍ଦ୍ର ନାମେ ଗୁରୁ । ୧୦ ।
ସୁରଚନ୍ଦ୍ର ନନ୍ଦନ ଗୁରୁ ବଜ୍ରମାଳୀ
ୟେହାର ନନ୍ଦନ ଗୁରୁ ପ୍ରଚଣ୍ଡାବଳୀ । ୧୧ ।
ପ୍ରଚଣ୍ଡାବଳୀର ପୁତ୍ର ଭାଗ୍ୟବର ଗୁରୁ
ୟେହାଙ୍କର ନନ୍ଦନ ଲୋକେଶ୍ୱର ଗୁରୁ । ୧୨ ।
ୟେ ଗୁରୁ ବଂଶ ଯାକେ ବ୍ୟାସଙ୍କୁ ଥାନ୍ତି ଖଟି
ବ୍ୟାସେ ଶିଖାଇଲେ ଅଶ୍ରୁତି ଅଦୃଷ୍ଟି । ୧୩ ।

---------

୬ ।୨ ବ୍ୟାସଙ୍କର ଆଗେ ସେ ପାଠ ବୋଇଲେ ।
୬ ।୨ ବ୍ୟାସଙ୍କର ଛାମୁରେ ତାହା ଉକତ କରାଇଲା । । (ପା)
୭ ।୧ ହରିହର ବଂଶେ ଯେ ଭାର୍ଗବର ଗୁରୁ ବୋଲି ।
୭ ।୧ ହରିହର ବଂଶେ ଯେ ଭାଗ୍ୟବର ଗୁରୁ ବୋଲି । (ପା) (ହରିହର ପ୍ରାୟ ସବୁ ପୋଥିରେ)

ସନ୍ନିଧ୍ୟେ ରାଇଲେ ବ୍ୟାସେ ଲୋକେଶ୍ୱର ଗୁରୁଙ୍କୁ
ବିଦ୍ୟା ଶସ୍ତ୍ର ଶାହାସ୍ତ୍ର ପଢାଅ ହୋ ୟେ ବେନି କୁମାରଙ୍କୁ । ୧୪ ।
ବ୍ୟାସଙ୍କର ଆଗ୍ୟାଂରେ ଗୁରୁ ଲୋକେଶ୍ୱର
ଆଖଡା ୟେକ ରଞ୍ଚିଲେ ଯାଇ ବନସ୍ତ ଭିତର । ୧୫ ।
ଶର ବିଦ୍ୟା ଶିଖାନ୍ତି ସେ ଲୋକେଶ୍ୱର ଗୁରୁ
ଧନୁ ଡ୍ରୋଣ ଫଳା ଖଣ୍ଡା ମାଲ ବିଦ୍ୟା ଡମ୍ବୁରୁ । ୧୬ ।
ପରିଘ କୋନ୍ତ ନାରାଜ ଅସିପତ୍ର ଯାଠି
ସକଳ ବିଦ୍ୟାୟେଣ ନିର୍ଜିତା ସର୍ବନିଷ୍ଠି । ୧୭ ।
ଅନେକ ବିଦ୍ୟାରେ ସେ ହୋଇଲେ ନିର୍ଜିତା

ବେଦ ଶାହାସ୍ର ମନ୍ତ୍ରେଣ ସେ ପଣ୍ଡିତ ଭାଗ୍ୟବନ୍ତା । ୧୮ ।
କକତା ମାସ କୃଷ୍ଣ ପକ୍ଷ ତିଥି ଯେ ଚଉଠି
ପଣ୍ଡିତ ବାର ଶତଭିଷା ନକ୍ଷତ୍ର ଯେ ଘଟି । ୧୯ । horoscope
ବାୟବ୍ୟ ନାମେ କରଣ ଇନ୍ଦ୍ର ନାମେ ଯୋଗ
କକତା ସଂକରାନ୍ତିକି ୟେକୋଇଶ ଦିନ ଭୋଗ । ୨୦ ।
ଲୋକେଶ୍ୱର ଗୁରୁ ବିଦ୍ୟା ଶିଖାନ୍ତି କୁମାରେ
ସେ ଦିନ ଆଖଡାରେ ବିଜୟ ଭାଗ୍ୟବରେ । ୨୧ ।
ପଣ୍ଡୁ କୁମାରଙ୍କୁ ଦେଖି ସେ ହରଷ ହୋଇଲେ
ସକଳ ବିଦ୍ୟାମାନ ପରୀକ୍ଷ କରାଇଲେ । ୨୨ ।
ନାନା ବିଦ୍ୟାରେ ସେ ନିର୍ଜିତା କୁମାରେ
ହରଷେଣ ପଣ୍ଡୁଙ୍କୁ ପ୍ରସନ୍ନ ହୋଇଲେ ଭାଗ୍ୟବରେ । ୨୩ ।
ସାର୍ଥୁକ ଶହସ୍ର ମନ୍ତ୍ର ଶିଖାଇଲେ ଆଦିଗୁରୁ
ଶବଦକୁ ଭେଦିବ ଯେ ଶହସ୍ର ପ୍ରହାର କରୁ । ୨୪ । ସଂଖ୍ୟା
ଶବଦଭେଦୀ ବିଦ୍ୟା ଶିଖାଇଲେ ତାହାଙ୍କୁ
ପ୍ରସନ୍ନେଣ ଅନେକ ବିଦ୍ୟା ଦିଲେକ ସେ ପଣ୍ଡୁଙ୍କୁ । ୨୫-୧୧୫୧ ।
-------

୧୬ ଶର ସାଧନ ଶିଖାନ୍ତି ସେ ଲୋକେଶ୍ୱର ଗୁରୁ ।
ଧନୁ ଦ୍ରୋଣ ଫଳା ଖଣ୍ଡା ମାଲ ବିନ୍ଧାଣ ତମ୍ବରୁ । (ପା)
୧୮ ।୨ ବେଦ ଶାହାସ୍ର ମନ୍ତ୍ରେଣ ସେ ପଣ୍ଡିତ ଭିଗ୍ୟବନ୍ତ । (ପା)
୨୧ ।୨ ହରଷେଣ ପୁତ୍ରକୁ ପ୍ରସନ୍ନ ହୋଇଲେ ଭାଗ୍ୟବରେ । (ପା)
୨୪ ।୨ "ଶବଦକୁ ଭେଦିବ ଯେ ଶହସ୍ର ପ୍ରହାର କରୁ" ପାଦାନ୍ତ ପରେ ପୋଥି ବିଶେଷରେ ଅଧିକା ପାଠ:-
ଆମୃର ବିଦ୍ୟାରେ ପଣ୍ଡୁ ଶୂରବନ୍ତା ହୋଅ ରାଜ୍ୟରେ ।
ଅଦୃଷ୍ଟି ବିଦ୍ୟା ତୋତେ ଦେବା ହୋ କୁମରେ । ।
୨୫ ।୨ ପ୍ରସନ୍ନେଣ ଅନେକ ମନ୍ତ୍ର ସେ ଦେଲେକ ପଣ୍ଡୁଙ୍କୁ । (ପା)

*****************